ପତ୍ର ସଂଖ୍ୟା – ୨୩୦୧୧ / ୧୫ / ୨୦୦୮ ର ପରିଶିଷ୍ଟ. ଏସ୍. ଜି. II

ତାରିଖ – ୧୮ ମେ, ୨୦୦୯

# ଭାରତ ସରକାର

## ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

**ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ର ଧାରା ୩ର ଉପଧାରା – ୨ ଅନୁଯାୟୀ ଜଙ୍ଗଲ ଜମିରେ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସୁବିଧାସୁଯୋଗକୁ କାର୍ଯ୍ୟକାରୀ କରିବା ନିମନ୍ତେ ଜଙ୍ଗଲ ଜମିକୁ ବଦଳା ଯାଇପାରିବ । ଉକ୍ତ କାର୍ଯ୍ୟଗୁଡ଼ିକୁ ଜଙ୍ଗଲ ଜମିରେ କାର୍ଯ୍ୟକାରୀ କରିବା ପୂର୍ବରୁ ଆବଶ୍ୟକୀୟ ମଞ୍ଜୁରୀ ସମ୍ପର୍କୀତ ପ୍ରକ୍ରିୟା ।**

---------

ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦ରେ ଥିବା ପ୍ରାବଧାନ ସତ୍ତ୍ୱେ ସରକାରଙ୍କ ଦ୍ୱାରା ପରିଚାଳିତ କିଛି ନିର୍ଦ୍ଦିଷ୍ଟ ସୁବିଧାସୁଯୋଗର କାର୍ଯ୍ୟକାରୀ ନିମନ୍ତେ କେନ୍ଦ୍ର ସରକାର ଜଙ୍ଗଲ ଜମିକୁ ବଦଳାଇ ଦେଇ ପାରିବେ, ଯେଉଁଥିରେ ହେକ୍ଟର ପିଛା ୭୫ଟି ଗଛରୁ ଅଧିକ କଟାଯାଇ ପାରିବ ନାହିଁ ବୋଲି ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ର ଧାରା ୩ର ଉପଧାରା – ୨ରେ ଉଲ୍ଲେଖ କରାଯାଇଛି । ଜଙ୍ଗଲଜମିର ଏହି ପରିବର୍ତ୍ତନ ଅନୁମୋଦନ ହୋଇପାରିବ ଯଦି, -

**(କ) ଉପଧାରାରେ ଦର୍ଶାଯାଇଥିବା ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ ପରିବର୍ତ୍ତିତ ହେଉଥିବା ଜଙ୍ଗଲଜମିର ପରିମାଣ ଏକ ହେକ୍ଟରରୁ କମ୍ ହୋଇଥିବ ।**

**(ଖ) ଉନ୍ନତିମୂଳକ ଯୋଜନା ପାଇଁ ମଞ୍ଜୁରୀ ମିଳିପାରିବ, ଯଦି ଏହା ଗ୍ରାମସଭା ଦ୍ୱାରା ଅନୁମୋଦନ ହୋଇଥିବ ।**

୨. ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ର ଧାରା ୩ର ଉପଧାରା-୨କୁ କାର୍ଯ୍ୟକାରୀ କରାଇବା ପାଇଁ କେନ୍ଦ୍ରସରକାର ନିମ୍ନଲିଖିତ ପ୍ରକ୍ରିୟା ନିର୍ଦ୍ଧାରଣ କରିଛନ୍ତି: -

୨.୧ **ସଂଜ୍ଞା – ଏହି କାର୍ଯ୍ୟବିଧିରେ ଯଦି ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ ନକରେ**

(କ) **"ଆଇନ୍"** ଅର୍ଥାତ୍ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି)ଆଇନ୍ ୨୦୦୬ (୨୦୦୭ର ୨ୟ ଆଇନ୍)

(ଖ) **"ଜିଲ୍ଲାସ୍ତରିୟ କମିଟି"** ଅର୍ଥାତ୍ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୦୮ର ଧାରା ୭ ଅଧିନରେ ଗଠିତ ହୋଇଥିବା କମିଟି

(ଗ) **"ଜଙ୍ଗଲ ଜମି"** ଆଇନ୍‌ର ଧାରା ୨ (ଘ)ରେ ବର୍ଣ୍ଣିତ ସଂଜ୍ଞା ସହିତ ସମାନ ।

(ଘ) **"ଗ୍ରାମସଭା"** ଆଇନ୍‌ର ଧାରା ୨ (ଛ)ରେ ବର୍ଣ୍ଣିତ ସଂଜ୍ଞା ସହିତ ସମାନ ।

(ଙ) **"ନୋଡାଲ୍ ଅଫିସର"** ଅର୍ଥାତ୍ ରାଜ୍ୟସରକାରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀ, ଯିଏ କି ଆଇନ୍ ଅଧିନରେ ଥିବା ଜଙ୍ଗଲଜମି ବଦଳାଇବା କାର୍ଯ୍ୟରେ ନିୟୋଜିତ ଓ ଉକ୍ତ ପ୍ରାଧିକୃତ ଅଧିକାରୀ ବନସଂରକ୍ଷକଙ୍କ ପାହ୍ୟାର ଅଫିସର୍ ଠାରୁ ନିମ୍ନ ପାହ୍ୟାର ହୋଇନଥିବେ ।

(ଚ) **"ଧାରା"** ଅର୍ଥାତ୍ ଆଇନ୍‌ରେ ବର୍ଣ୍ଣିତ ଧାରା ।

(ଛ) **'ବ୍ୟବହାରକାରୀ ସଂସ୍ଥା'** ଅର୍ଥାତ୍ କେନ୍ଦ୍ର ବା ରାଜ୍ୟସରକାରଙ୍କ ବିଭାଗ ଅବା ଜିଲ୍ଲା ପଞ୍ଚାୟତ, ଯିଏ କି ଆଇନ୍‌ର ଧାରା ୩ ଉପଧାରା – ୨ ଅନୁସାରେ ସରକାରଙ୍କ ଦ୍ୱାରା ପରିଚାଳିତ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଜଙ୍ଗଲଜମିକୁ ବଦଳାଇବାପାଇଁ ଅନୁରୋଧ କରିବେ ।

(ଜ) **"ଗ୍ରାମ"** ଆଇନ୍‌ର ଧାରା ୨(ତ)ରେ ବର୍ଣ୍ଣିତ ସଂଜ୍ଞା ସହିତ ସମାନ ।

## ୨.୨ ଧାରା – ୩, ଉପଧାରା – ୨ ଅଧିନରେ ଥିବା ଜଙ୍ଗଲଜମି ବଦଳାଇବାର ସ୍ୱୀକୃତି ପାଇବା ପାଇଁ ପ୍ରସ୍ତାବ ଉପସ୍ଥାପନ :-

(କ) ପ୍ରତ୍ୟେକ ବ୍ୟବହାରକାରୀ ସଂସ୍ଥା ଧାରା ୩(୨)ରେ ବର୍ଣ୍ଣିତ କୌଣସି ଉନ୍ନତିମୂଳକ କାର୍ଯ୍ୟପାଇଁ ଜଙ୍ଗଲଜମିକୁ ବ୍ୟବହାର କରିବା ପାଇଁ ଚାହାଁନ୍ତି, ତେବେ ପରିଶିଷ୍ଟରେ ସଂଯୁକ୍ତ ଉପଯୁକ୍ତ ଫର୍ମ (ଅର୍ଥାତ୍ ଫର୍ମ 'କ')ରେ ପ୍ରସ୍ତାବ ପ୍ରସ୍ତୁତ କରିବେ, ଏବଂ ଏହାକୁ ସଂପୃକ୍ତ ଗ୍ରାମସଭାର ସାଧାରଣ ବୈଠକରେ ଉପସ୍ଥାପନ କରି ସେ ସମ୍ପର୍କୀତ ପ୍ରସ୍ତାବନାମା ଗୃହୀତ କରିବେ ।

(ଖ) ଜଙ୍ଗଲଜମିକୁ ବଦଳାଇବା ସଂକ୍ରାନ୍ତୀୟ ପ୍ରସ୍ତାବନାମାକୁ ଗ୍ରାମସଭା ବୈଠକରେ ଗୃହୀତ କରିବା ନିମନ୍ତେ ଗ୍ରାମସଭାରେ ଅନ୍ୟୁନ ଅର୍ଦ୍ଧେକ ସଂଖ୍ୟକ ସଭ୍ୟଙ୍କର ଉପସ୍ଥିତି ରହିବା ଅତ୍ୟାବଶ୍ୟକୀୟ । ଅନ୍ୟୁନ ଅର୍ଦ୍ଧେକ ସଂଖ୍ୟକ ସଭ୍ୟଙ୍କର ଉପସ୍ଥିତିକୁ ବୈଠକର କୋରମ୍ ଭାବେ ଗ୍ରହଣ କରାଯିବ ।

(ଗ) ଗ୍ରାମସଭାଠାରୁ ଉକ୍ତ ପ୍ରସ୍ତାବ ସମ୍ବନ୍ଧରେ ସୁପାରିଶ ମିଳିବା ପରେ, ବ୍ୟବହାରକାରୀ ସଂସ୍ଥା ସଂପୃକ୍ତ ଅଞ୍ଚଳର ବନାଞ୍ଚଳ ଅଧିକାରୀଙ୍କ ନିକଟରେ ପ୍ରସ୍ତାବ ସହ ଗ୍ରାମସଭା ଦ୍ୱାରା ଗୃହୀତ ହୋଇଥିବା ବିବରଣୀକୁ ସଂଯୁକ୍ତ କରିବେ ।

(ଘ) ପ୍ରସ୍ତାବିତ ପ୍ରସ୍ତାବ ସମ୍ପର୍କୀତ ମତାମତ ଦେବା ନିମନ୍ତେ ସଂପୃକ୍ତ ବନାଞ୍ଚଳ ଅଧିକାରୀ ପ୍ରସ୍ତାବିତ ସ୍ଥାନକୁ ପରିଦର୍ଶନ କରିବେ ।

(ଙ) ସଂପୃକ୍ତ ବନାଞ୍ଚଳ ଅଧିକାରୀ ପ୍ରସ୍ତାବ ସମ୍ପର୍କୀତ ତାଙ୍କର ସୁପାରିଶ, ସ୍ଥାନ ପରିଦର୍ଶନ ବିବରଣୀ, ନିଜସ୍ୱ ମତାମତ ସହ ପରିଶିଷ୍ଟରେ ସଂଲଗ୍ନ ହୋଇଥିବା ଥିବା ଫର୍ମ 'ଖ'କୁ ପୂରଣ କରି ସଂପୃକ୍ତ ବନଖଣ୍ଡ ଅଧିକାରୀ (ଡ଼ି.ଏଫ୍.ଓ)ଙ୍କ ନିକଟରେ ଦାଖଲ କରିବେ ଏହି ସମସ୍ତ କାର୍ଯ୍ୟ ବ୍ୟବହାରକାରୀ ସଂସ୍ଥା ଠାରୁ ଗ୍ରହଣ କରିଥିବା ପ୍ରସ୍ତାବର ୩ ସପ୍ତାହ ମଧ୍ୟରେ ସମ୍ପନ୍ନ ହେବା ଆବଶ୍ୟକ ।

(ଚ) ସଂପୃକ୍ତ ବନଖଣ୍ଡ ଅଧିକାରୀ, ପ୍ରସ୍ତାବକୁ ବିଚାର କରିବେ, ଏବଂ ଯଦି ସେ ସମ୍ମତି ପ୍ରକାଶ କରନ୍ତି, ତେବେ ଉକ୍ତ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରି ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇ ଦେବେ । ଏଥିସହ ସମ୍ମତିପତ୍ରର ଏକ ଏକକିତା ନକଲ

ଜିଲ୍ଲାସ୍ତରୀୟ କମିଟିର ଅଧ୍ୟକ୍ଷଙ୍କୁ ପଠାଇବେ । ସଂପୃକ୍ତ ବନାଞ୍ଚଳ ଅଧିକାରୀଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରିବାର ୪ ସପ୍ତାହ ମଧ୍ୟରେ ଏ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବା ଆବଶ୍ୟକ ।

(ଛ) ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କ ଠାରୁ ଅନୁମୋଦନ ପତ୍ର ପାଇବା ପରେ ସଂପୃକ୍ତ ବନାଞ୍ଚଳ ଅଧିକାରୀ, ଅନୁମୋଦିତ ଜଙ୍ଗଲ ଜମିର ସୀମାଙ୍କନ କରିବେ ଓ ଏହାକୁ ଗ୍ରାମସଭାର ପ୍ରତ୍ୟକ୍ଷ ତତ୍ୱାବଧାନରେ ବ୍ୟବହାରକାରୀ ସଂସ୍ଥାକୁ ପ୍ରତ୍ୟାର୍ପଣ କରିବେ ।

(ଜ) ଯଦି ସଂପୃକ୍ତ ବନଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀଙ୍କ ଜରିଆରେ ବ୍ୟବହାରକାରୀ ସଂସ୍ଥା ଠାରୁ ପାଇଥିବା ପ୍ରସ୍ତାବକୁ ଅନୁମୋଦନ ନ କରନ୍ତି, ତେବେ, ସେ ଉକ୍ତ ପ୍ରସ୍ତାବ ସଂପର୍କରେ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ଜିଲ୍ଲାସ୍ତରୀୟ କମିଟି ନିକଟକୁ ପଠାଇ ଦେବେ ।

(ଝ) ଅନ୍ୟୁନ ଏକ ତୃତୀୟାଂଶ ସଦସ୍ୟଙ୍କ ଉପସ୍ଥିତରେ ଜିଲ୍ଲାସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହୋଇ ଉକ୍ତ ପ୍ରସ୍ତାବ ଉପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ । ଯଦି ପ୍ରସ୍ତାବଟି ବୈଠକରେ ଗୃହୀତ ହୋଇଯାଏ, ତେବେ ଜିଲ୍ଲାସ୍ତରୀୟ କମିଟି ଉକ୍ତ ନିଷ୍ପତ୍ତିକୁ ସଂପୃକ୍ତ ବନଖଣ୍ଡର ବନଖଣ୍ଡ ଅଧିକାରୀଙ୍କୁ ଜଣାଇବେ । ନଥିପତ୍ର ଓ ମାନଚିତ୍ରରେ ସଂଶୋଧନ କରାଇ ଏହାକୁ କାର୍ଯ୍ୟକାରୀ କରାଯିବ ।

(ଞ) ବନଖଣ୍ଡ ଅଧିକାରୀ ଅଥବା ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଯେଉଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଜଙ୍ଗଲ ଜମିକୁ ବଦଳାଇବା ନିମନ୍ତେ ସ୍ୱୀକୃତି ପ୍ରଦାନ କରାଯାଇଛି, ଏହି ସର୍ତ୍ତରେ ହେବ ଯେ, ସେହି ଜମିରେ କେବଳ ସେହି କାର୍ଯ୍ୟ ହୋଇପାରିବ, ଅନ୍ୟ କୌଣସି କାର୍ଯ୍ୟରେ ଉକ୍ତ ଜମିକୁ ବ୍ୟବହାର କରାଯାଇପାରିବ ନାହିଁ । ଏଥିସହ ବ୍ୟବହାରିକ ସଂସ୍ଥା, ଯାହାକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଉକ୍ତ ଜମିକୁ ହସ୍ତାନ୍ତର କରାଯାଇଛି, ଉକ୍ତ ସଂସ୍ଥା ହସ୍ତାନ୍ତରିତ ହେବା ତାରିଖ ଠାରୁ ଏକ ବର୍ଷ ମଧ୍ୟରେ ଯଦି କାର୍ଯ୍ୟ ଆରମ୍ଭ କରିପାରି ନାହାନ୍ତି, ତେବେ ଉକ୍ତ ଜମି ବନବିଭାଗ ଅଧୀନକୁ ଚାଲିଯିବ ।

(ଟ) ଆଇନ୍‌ର ଧାରା ୩ ଉପଧାରା ୨ ଅଧୀନରେ ଅନୁମୋଦନ ପ୍ରାପ୍ତ ଜଙ୍ଗଲ ଜମିର ଏକ ତ୍ରୈମାସିକ ବିବରଣୀ ସଂପୃକ୍ତ ବନଖଣ୍ଡ ଅଧିକାରୀ ପ୍ରସ୍ତୁତ କରି ନୋଡାଲ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିବେ, ଯିଏ କି ସମସ୍ତ ତଥ୍ୟକୁ ସଙ୍କଳନ କରି ତ୍ରୈମାସିକ

ବିବରଣୀ ପ୍ରସ୍ତୁତ କରି ଆଦିବାସୀ ଉନ୍ନୟନ ବିଭାଗର ସଚିବଙ୍କ ନିକଟରେ ଉପସ୍ଥାପନ କରିବେ । ଆଦିବାସୀ ଉନ୍ନୟନ ବିଭାଗର ସଚିବ ପୁନଶ୍ଚ ସମସ୍ତ ତଥ୍ୟକୁ ସଙ୍କଳନ କରି କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ଓ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ପଠାଇବେ ।

(୦) ନୋଡାଲ୍ ଅଧିକାରୀ କାର୍ଯ୍ୟର ପ୍ରଗତିକୁ ତଦାରଖ କରିବେ ।

## **ପରିଶିଷ୍ଟ**

**ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍, ୨୦୦୬ର ଧାରା ୩ର ଉପଧାରା – ୨ ଅନୁଯାୟୀ ଜଙ୍ଗଲ ଜମିରେ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସୁବିଧାସୁଯୋଗକୁ କାର୍ଯ୍ୟକାରୀ କରିବା ନିମନ୍ତେ ଜଙ୍ଗଲ ଜମିକୁ ବଦଳା ଯାଇପାରିବ । ଉକ୍ତ କାର୍ଯ୍ୟଗୁଡ଼ିକୁ ଜଙ୍ଗଲ ଜମିରେ କାର୍ଯ୍ୟକାରୀ କରିବା ପୂର୍ବରୁ ଆବଶ୍ୟକୀୟ ମଞ୍ଜୁରୀ ପ୍ରକ୍ରିୟା ନିମନ୍ତେ ନିମ୍ନୋକ୍ତ ଫର୍ମ ବ୍ୟବହାର କରାଯିବ ।**

## **ଫର୍ମ – କ**

(ପାରା ୨.୨ (କ) ଦେଖ)

(ବ୍ୟବହାରକାରୀ ସଂସ୍ଥା ଦ୍ୱାରା ପୂରଣ କରାଯିବ)

**୧.ପ୍ରକଳ୍ପ ସମ୍ବନ୍ଧୀୟ ବିଶଦ ବିବରଣୀ**

(i) ପ୍ରସ୍ତାବିତ ପ୍ରକଳ୍ପ/ ସ୍କିମ୍‌ର ସଂକ୍ଷିପ୍ତ ବର୍ଣ୍ଣନା ଯେଉଁଥିପାଇଁ ଜଙ୍ଗଲ ଜମିର ଆବଶ୍ୟକତା ରହିଛି ।

(ii) ଆବଶ୍ୟକୀୟ ଜଙ୍ଗଲଜମିର ବିଶଦ ବିବରଣ (ଦୁଇଟି ବିକଳ୍ପ ଦର୍ଶାଇବା ଆବଶ୍ୟକ)

(କ) ଅବସ୍ଥିତି - ସର୍ଭେ ସଂଖ୍ୟା / କମ୍ପାର୍ଟମେଣ୍ଟ ସଂଖ୍ୟା

(ଖ) ସ୍ଥାନର ବିସ୍ତାର/ପରିମାଣ (ହେକ୍ଟର)

(ଗ) ବନଖଣ୍ଡର ନାମ

(ଘ) ଆବଶ୍ୟକୀୟ ଜଙ୍ଗଲଜମିର ମାନଚିତ୍ର, ସଂଲଗ୍ନିତ ଜଙ୍ଗଲର ସୀମାର ମାନଚିତ୍ର (୧ :୫୦,୦୦୦ ସ୍କେଲ୍‌ରେ)

(iii) ପ୍ରସ୍ତାବିତ ଜଙ୍ଗଲଜମିରେ ପ୍ରକଳ୍ପ ଅବସ୍ଥାପନର ଯଥାଯଥ ଯୁକ୍ତି

(iv) କଟାହେବାକୁ ଥିବା ଗଛସଂଖ୍ୟା (ପ୍ରତି ହେକ୍ଟର ପିଛା) ଛଡାଯାଇଥିବା ଗଛ ସଂଖ୍ୟା

୨. ସର୍ବମୋଟ ଆବଶ୍ୟକୀୟ ଜଙ୍ଗଲ ଜମି ପରିମାଣ (ବଣ୍ଟନ ଅନୁସାରେ)ର ବିଶଦ ବିବରଣୀ ସହ ପ୍ରସ୍ତାବିତ ଅଞ୍ଚଳର ମାନଚିତ୍ର

୩.ବ୍ୟବହାରକାରୀ ସଂସ୍ଥା ଦ୍ୱାରା ସହମତି ପ୍ରଦାନ କରାଯାଇଥିବ ଯେ, ପ୍ରକଳ୍ପର ସଂଲଗ୍ନିତ ସ୍ଥାନରେ କଟାଯାଇଥିବା ବୃକ୍ଷର ଦ୍ୱିଗୁଣ ବୃକ୍ଷ ରୋପଣ କରିବେ ଓ ଉକ୍ତ ରୋପିତ ବୃକ୍ଷର ସୁରକ୍ଷା ଓ ପରିଚାଳନା ପାଇଁ ବାର୍ଷିକ ହିସାବରେ ପାଞ୍ଚବର୍ଷ ପାଇଁ ଆବଶ୍ୟକୀୟ ଦେୟ ବହନ କରିବେ । (ସହମତି ପତ୍ରର ସଂଲଗ୍ନ)

୪.ଗ୍ରାମସଭାର ଅନୁମୋଦନ - ଗୃହୀତ / ଖାରଜ (ଯଥାସ୍ଥାନରେ "ଠିକ୍" ଚିହ୍ନ)

(ଗ୍ରାମସଭାର ବିବରଣୀର ଏକକିତା ନକଲ ସଂଲଗ୍ନ ହେବ)

**ବ୍ୟବହାରିକ ସଂସ୍ଥା ତରଫରୁ ପ୍ରାଧିକୃତ ବ୍ୟକ୍ତିଙ୍କର ସ୍ୱାକ୍ଷର**

**ନାମ:**

**ଠିକଣା:**

**ତାରିଖ:**

**ସ୍ଥାନ**

**ପ୍ରସ୍ତାବର କ୍ରମିକ ସଂଖ୍ୟା**

(ସଂପୃକ୍ତ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ରସିଦର ତାରିଖ ସହିତ ପୂରଣ କରାଯିବ)

# ଫର୍ମ – ଖ

(ପାରା ୨.୨ (ଘ) ଦେଖ)

(ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ପୂରଣ କରାଯିବ)

୧.ପ୍ରକଳ୍ପ /ସ୍କିମ୍‌ର ଅବସ୍ଥିତି

(କ) ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ନାମ:

(ଖ) ଜିଲ୍ଲାର ନାମ:

(ଗ) ବନଖଣ୍ଡର ନାମ:

(ଘ) ଆବଶ୍ୟକୀୟ ଜଙ୍ଗଲଜମିର ବିଶଦ ବିବରଣୀ (ଦୁଇଟି ବିକଳ୍ପ ଦର୍ଶାଇବା ଆବଶ୍ୟକ)

(କ) ଅବସ୍ଥିତି / ସର୍ଭେ ସଂଖ୍ୟା / କମ୍ପାର୍ଟମେଣ୍ଟ ସଂଖ୍ୟା:

(ଖ) ସ୍ଥାନର ବିସ୍ତାର/ପରିମାଣ (ହେକ୍ଟର):

(ଙ) ପ୍ରସ୍ତାବିତ ଅଞ୍ଚଳ ଜୈବମଣ୍ଡଳ / ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ / ହାତୀ ଚଲାପଥ ଅବା ଅନ୍ୟାନ୍ୟର ଅଂଶବିଶେଷ କି

୨.ସ୍ଥାନ ପରିଦର୍ଶନ ବିବରଣୀ (ସଂଲଗ୍ନ ହେବ)- ପରିଦର୍ଶନ ତାରିଖ, ପ୍ରସ୍ତାବିତ ପ୍ରସ୍ତାବ ଗ୍ରହଣ ସଂମ୍ପର୍କୀତ ମତାମତ/ ଯୁକ୍ତି ଉପସ୍ଥାପନ (ଦୁଇଟି ବିକଳ୍ପ ଅଲଗା ଭାବରେ)

୩.ବନାଞ୍ଚଳ ଅଧିକାରୀଙ୍କ ପ୍ରସ୍ତାବ ଗୃହୀତ ଅଥବା ପ୍ରସ୍ତାବର ଅନ୍ୟ ବିକଳ୍ପ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୁପାରିଶ

**ବନାଞ୍ଚଳ ଅଧିକାରୀଙ୍କ ସ୍ୱାକ୍ଷର**

ନାମ:

ଅଫିସିଆଲ୍ ସିଲ୍ ବା ଷ୍ଟାମ୍ପ

ତାରିଖ:

ସ୍ଥାନ:

ଗ୍ରହଣୀୟ / ଗ୍ରହଣୀୟ ନୁହେଁ:

(ଲିଖିତ କାରଣ)

ବନଖଣ୍ଡ ଅଧିକାରୀଙ୍କ ସ୍ୱାକ୍ଷର

ନାମ:

ଅଫିସିଆଲ୍ ଦସ୍ତାବିଜ୍

ତାରିଖ:

ସ୍ଥାନ:

ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହାନ୍ତି ଅବା ଆପଣଙ୍କ ମନରେ ଉକ୍ତ ଆଇନ୍‌କୁ ନେଇ କୌଣସ ପ୍ରଶ୍ନ ଅଛି, ତେବେ ଆପଣ ଆମ ସହ ଯୋଗାଯୋଗ କରିପାରନ୍ତି ଅବା ନିମ୍ନ ପ୍ରଦତ୍ତ ଦେୟମୁକ୍ତ ଫୋନ୍‌ରେ କଥାବାର୍ତ୍ତା କରିପାରିନ୍ତି

୧୮୦୦ ୩୪୫୬ ୭୭୧

(ଛୁଟି ଦିନ ବ୍ୟତିତ ଅନ୍ୟ ଦିନଗୁଡିକରେ ସକାଳ ୯.୩୦ ମିନିଟ୍‌ରୁ ସନ୍ଧ୍ୟା ୫ ଘଟିକା)

ଅବା ନିମ୍ନ ୱେବ୍‌ସାଇଟ୍‌ରେ ମଧ୍ୟ ତଥ୍ୟ ଉପଲବଧ ଅଛି

**www.fra.org.in**

## ବିଶେଷ ଦ୍ରଷ୍ଟବ୍ୟ

କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ଦ୍ୱାରା ତା ୧୮ ମେ ୨୦୦୯ରେ ଜାରି କରାଯାଇଥିବା ପତ୍ର ସଂଖ୍ୟା ୨୩୦୧୧/୧୫/୨୦୦୮ର ଓଡ଼ିଆ ଭାଷାନ୍ତର ଅଟେ । ମୂଳପତ୍ରରେ ଥିବା ଭାବାର୍ଥକୁ ବଜାୟ ରଖିବା ପାଇଁ ସମସ୍ତ ଚେଷ୍ଟା କରାଯାଇଛି । କେତେକସ୍ଥଳେ ମୂଳ ଇଂରାଜୀ ବାକ୍ୟର ଭାବାର୍ଥକୁ ବଜାୟ ରଖିବା ନିମନ୍ତେ ବାକ୍ୟକୁ ଛୋଟ ବଡ଼ କରାଯାଇଛି । ଆମର ବିଶେଷ ଅନୁରୋଧ, ଆବଶ୍ୟକସ୍ଥଳେ ମୂଳ ଇଂରାଜୀର ପତ୍ର ବ୍ୟବହାର କରିବା ଉଚିତ୍, ଯାହାକି କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ୱେବ୍ ସାଇଟ୍ (www.tribal.nic.in) ରେ ଉପଲବ୍ଧ ଅଟେ ।


ବସୁନ୍ଧରା

ପ୍ଲଟ୍ ନଂ – ଏ/୭୨, ସହିଦ୍ ନଗର
ଭୁବନେଶ୍ୱର
ଫୋନ୍ ଓ ଫାକ୍ସ ନଂ – (୦୬୭୪) ୨୫୪୨୦୧୧/୦୧୨/୦୨୮
ଦେୟମୁକ୍ତ ଫୋନ୍ ନଂ – ୧୮୦୦ ୩୪୫୬ ୭୭୧ ( ସକାଳ ୯. ୩୦ ମି ଠାରୁ ସନ୍ଧ୍ୟା – ୫ ଘଟିକା)


*କେବଳ ଘରୋଇ ପ୍ରସାରଣ ନିମନ୍ତେ*